# ମାଣ୍ଡିଆରେ ପତ୍ରପୋଡା ରୋଗ (Bacterial blight)





ଏହା ଏକ ପ୍ରକାର ଜୀବାଣୁ ଆକ୍ରମଣ ଦ୍ୱାରା ହୋଇଥାଏ । ମାଣ୍ଡିଆ ତଳି ଠାରୁ ଆରମ୍ଭ କରି ରୋପିବା, ଫୁଲ ଉଡେଇବା ଓ ଖେଡ ବାହାରିବା ପର୍ଯ୍ୟନ୍ତ ଏହି ରୋଗ ଆକ୍ରମଣ କରିଥାଏ । ତଳି କିଆରୀରେ ରୋଗ ହେଲେ ପତ୍ରଗୁଡିକ ଶୁଖିଯାଇ ମରିଯାଏ । ପ୍ରଥମେ ପତ୍ରର ଅଗ ଆଡୁ ଏବଂ କର ଆଡୁ ପତ୍ରଧାର ବଙ୍କା ବଙ୍କା ହୋଇ ଶୁଖିଯାଇ କ୍ରମେ ସମୁଦାୟ ପତ୍ରଟି ମରିଯାଏ । ନିରୀକ୍ଷଣ କରି ଦେଖିଲେ ରୋଗାକ୍ରାନ୍ତ ପତ୍ରରେ ଜୀବାଣୁ ନିର୍ଗତ ହୋଇଥିବା ଛୋଟ ଛୋଟ ମହୁ ବିନ୍ଦୁପରି ଦେଖିବାକୁ ମିଳେ ।

## ନିୟନ୍ତ୍ରଣ

- ଜମିରୁ ଜଳ ନିଷ୍କାସନ କରନ୍ତୁ ଓ ମାଟି ଫାଟିଲା ପରେ ପୁଣି ପାଣି ମଡାନ୍ତୁ । ରୋଗିଣା କିଆରୀରୁ ପାଣି ମଡାନ୍ତୁ ନାହିଁ ।
- କିଆରୀ ବା ହୁଡାରେ ଥିବା ଅନାବନା ଘାସ ଉପାଡି ନଷ୍ଟ କରିଦିଅନ୍ତୁ ।
- ୨୦ କି.ଗ୍ରା. ସଜ ଗୋବରକୁ ୨୦୦ ଲିଟର ପାଣିରେ ଗୋଳାଇ ତାକୁ ଏକ ପତଳା କନାରେ ଛାଣନ୍ତୁ ଏବଂ ଏହି ମିଶ୍ରଣରେ ପୁଣି ୫୦ ଲିଟର ପାଣି ମିଶାଇ ୧୦ ଦିନକୁ ଥରେ ସ୍ପ୍ରେ କରନ୍ତୁ ।
- ମାଣ୍ଡିଆ କଟା ହେବା ପରେ ଜମିରେ ଥିବା ମାଣ୍ଡିଆ ମୂଳକୁ ପୋଡି ଦିଅନ୍ତୁ ।
- ମାଣ୍ଡିଆ ବିହନକୁ ବୀଜାମୃତ ଦ୍ୱାରା ବିଶୋଧନ କରନ୍ତୁ ।
- ୧୦ ଲିଟର ପାଣିରେ ୧୦ ଗ୍ରାମ ପ୍ଲାଣ୍ଟୋମାଇସିନ ସହ ୧ ଗ୍ରାମ ଷ୍ଟ୍ରେପ୍ଟୋମାଇସିନ ମିଶାଇ ସିଞ୍ଚନ କରନ୍ତୁ ।

WASSAN